# ଓଡିଶା ବିଦ୍ୟୁତ୍ ନିୟାମକ ଆୟୋଗ
# ODISHA ELECTRICITY REGULATORY COMMISSION

**BIDYUT NIYAMAK BHAWAN**
**PLOT NO.4, CHUNOKOLI, SHAILASHREE VIHAR, BHUBANESWAR -751021**
**TEL. No.: 2721048, 2721049**
**E-MAIL: oerc@odisha.gov.in / orierc@gmail.com, WEBSITE: www.orierc.org**

Together, Let us light up our lives


## କେସ୍ ନଂ. ୯୦/୨୦୨୪

## ସାଧାରଣ ବିଜ୍ଞପ୍ତି

**୨୦୨୩-୨୪ ଆର୍ଥିକ ବର୍ଷ ନିମନ୍ତେ ଟ୍ରୁଇଙ୍ଗ ଅପ ମଞ୍ଜୁରୀ ପାଇଁ ଟିପିସିଓଡିଏଲ ଆବେଦନର ଶୁଣାଣି ଓ ତାହା ସହିତ ୨୦୨୧-୨୨ ଆର୍ଥିକ ବର୍ଷ ଓ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ଟ୍ରୁଇଙ୍ଗ୍ ଅପ୍‌ର ସମୀକ୍ଷା / ପନୁର୍ବିଚାର।**

୨୦୨୩-୨୪ ଆର୍ଥିକ ବର୍ଷ ନିମନ୍ତେ ଟ୍ରୁଇଙ୍ଗ୍ ଅପ୍ (ବାସ୍ତବୀକରଣ) ଓ ତାହା ସହିତ ୨୦୨୧-୨୨ ଆର୍ଥିକ ବର୍ଷ ଓ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ଟ୍ରୁଇଙ୍ଗ୍ ଅପ୍‌ର ସମୀକ୍ଷା / ପୁନର୍ବିଚାର ପାଇଁ ଟିପିସିଓଡିଏଲ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗରେ **୩୦.୧୧.୨୦୨୪**ରେ ଏକ ଆବେଦନ କରିଛି, ଯାହାକି **କେସ ନଂ.: ୨୦୨୪ ର ୯୦**ରେ ପଞ୍ଜିକୃତ ହୋଇଛି। ଏହି ଆବଦେନଟି ଇଲେକ୍ଟ୍ରିସିଟି ଆକ୍ଟ ୨୦୦୩ର ଧାରା ୬୨ ଓ ୮୬(୧) ଏବଂ ଅନ୍ୟାନ୍ୟ ପ୍ରଯୁଜ୍ୟ ବ୍ୟବସ୍ଥା ଏବଂ ଓଇଆରସି (ହ୍ୱିଲିଂ ଶୁଳ୍କ ଏବଂ ରିଟେଲ୍ ସପ୍ଲାଏ ଶୁଳ୍କର ନିର୍ଦ୍ଧାରଣ ପାଇଁ ସର୍ତ୍ତ ଓ ବ୍ୟବସ୍ଥାବଳୀ) ନିୟମାବଳୀ, ୨୦୨୨ ଏବଂ ଓଇଆରସି (ବ୍ୟବସାୟ ପରିଚାଳନା) ନିୟମାବଳୀ, ୨୦୦୪ ଅନୁଯାୟୀ ଦାଖଲ କରାଯାଇଛି। କମିଶନ ନିଷ୍ପତ୍ତି ନେଇଛନ୍ତି ଯେ, **୨୦୨୪ର କେସ୍ ନଂ.:** ୮୮ରେ ଆବେଦନକାରୀଙ୍କ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଏଆରଆର ଓ ଆରଏସଟି ଆବେଦନ ସମେତ ଏକ ଜନଶୁଣାଣି ମାଧ୍ୟମରେ ଏହି ମାମଲାର ସମାଧାନ କରାଯିବ।

ଏ ସଂକ୍ରାନ୍ତରେ ମେସର୍ସ ଟିପିସିଓଡ଼ିଏଲ ପକ୍ଷରୁ ଦାଖଲ କରାଯାଇଥିବା ସମସ୍ତ ଆନେକ୍ସଚର ସହିତ ଏହି ପିଟିସନ୍ ଟିପିସିଓଡ଼ିଏଲ ର ୱେବ୍‌ସାଇଟ୍ **www.tpcentralodisha.com** ଏବଂ ଆୟୋଗର ୱେବ୍‌ସାଇଟ୍ **www.orierc.org** ଉପଲବ୍ଧ ରହିଛି। ଆଗ୍ରହୀ ବ୍ୟକ୍ତି / ସଂଗଠନ, ଯେଉଁମାନେ ପୂର୍ବ ବର୍ଷ ଗୁଡ଼ିକର ଅର୍ଥାତ୍ ଆର୍ଥିକ ବର୍ଷ ୨୦୨୧-୨୨, ୨୦୨୨-୨୩ ଏବଂ ୨୦୨୩-୨୪ର ଶୁଳ୍କ ପ୍ରକ୍ରିୟାରେ ପ୍ରକ୍ରିୟାରେ ଭାଗ ନେଇଥିଲେ, ଉପରୋକ୍ତ ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ଚାହୁଁଥିଲେ ସେମାନେ **୧୬.୦୧.୨୦୨୫** ସୁଦ୍ଧା ଟିପିସିଓଡ଼ିଏଲ୍ କୁ ଏକକିତା ନକଲ ସହିତ ମେସର୍ସ ଟିପିସିଓଡ଼ିଏଲର ବର୍ତ୍ତମାନର ଆବେଦନ ଉପରେ ସେମାନଙ୍କର ଆପତ୍ତି / ପରାମର୍ଶ ଦାଖଲ କରିପାରିବେ।

ଟିପିସିଓଡ଼ିଏଲ୍ **୨୭.୦୧.୨୦୨୫** ସୁଦ୍ଧା ଉତ୍ତରଦାତାଙ୍କ ଆପତ୍ତି ଉପରେ / ପରାମର୍ଶ ଉପରେ ଏହାର ଜବାବ ଉତ୍ତରଦାତାଙ୍କ ନିକଟରେ ଏକ କପି ସହିତ ଦାଖଲ କରିବ। ଯେଉଁମାନେ ଭିଡ଼ିଓ କନ୍‌ଫରେନ୍ସିଂ ଜରିଆରେ ଜନ ସୁଣାଣିରେ ଭାଗ ନେବାକୁ ଚାହୁଁଛନ୍ତି ସେମାନେ ମଧ୍ଯ ଯଥାକ୍ରମେ ନିଜର ଇମେଲ୍ ଠିକଣା ଏବଂ ମୋବାଇଲ୍ ନମ୍ବର ଯଥାକ୍ରମେ ଓଇଆରସି ଇମେଲ୍ (**oerc.vc@gmail.com**) ରେ କମିସନଙ୍କୁ ଧାର୍ଯ୍ୟ ସମୟ ପୂର୍ବରୁ ଜଣାଇବେ।

**ନିର୍ଦ୍ଦେଶକ୍ରମେ**

**ତାରିଖ: ୧୩.୧୨.୨୦୨୪** **ସ୍ୱା/- ସଚିବ**

* ଓଡ଼ିଆ ଭାଷାରେ ପ୍ରକାଶିତ ବିଜ୍ଞପ୍ତିରେ ଯଦି କୌଣସି ଅସଂଗତି ଥାଏ, ତେବେ ଇଂରାଜୀ ଭାଷାରେ ପ୍ରକାଶିତ ବିଜ୍ଞପ୍ତିକୁ ପ୍ରାମାଣିକତା ପାଇଁ ବିବେଚନା କରାଯିବ।